# Akashvani, Sambalpur
# SAMBALPURI NEWS BULLETIN
## 16 October 2025 – 6.47- 6.52 am.
*****************************************

ନୂଆପଡ଼ା ଉପନିର୍ବାଚନ     ନୂଆପଡ଼ା ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ଦିନ୍‌କିଆ ନୂଆପଡ଼ା ଗସ୍ତଥି ଆସିକରି ଦଲୀୟ କାର୍ଯ୍ୟକ୍ରମ୍ ମାନ୍‌କେ ଯୋଗ୍ ଦେବେ । ଜିଲ୍ଲା ସଦର୍‌ଠାନେ ହେବାର୍‌କେ ଥିବା ବିଜେପିର୍ ମିଶ୍ରଣ ପର୍ବଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗ୍ ଦେବାର୍ ସହେତେ ନୂଆପଡ଼ା ଉପନିର୍ବାଚନ୍ ଲାଗି ଦଲର୍ ପ୍ରାର୍ଥୀ ଜୟ ଢୋଲ୍‌କିଆଙ୍କ ନାମାଙ୍କନ ଦାଖଲ୍ ବେଲ୍‌କେ ଭିଲ୍ ସାମିଲ୍ ହେବାର୍ କାର୍ଯ୍ୟସୂଚୀ ରହିଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀଙ୍କ ସାଙ୍ଗେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ୍ ସିଂହଦେଓ ଆଉ ମନ୍ତ୍ରିମଣ୍ଡଳର ବହୁତ୍ ସଦସ୍ୟ, ସାଂସଦ, ବିଧାୟକ୍‌ମାନେ ଉପସ୍ଥିତ ରହେବେ ।

ସେଆଡ଼େ ନୂଆପଡ଼ା ଉପନିର୍ବାଚନ ଲାଗି ତିନ୍‌ହି ପ୍ରମୁଖ ରାଜନୈତିକ୍ ଦଲର୍ ପ୍ରାର୍ଥୀ ଚେହେରା ଗଲାକାଏଲ୍ ଫଟିକ୍

ହେଇଯାଇଛେ । ବିଜେପି ଆଉ ବିଜେଡି ଗଲାକାଏଲ୍ ନିଜର ପ୍ରାର୍ଥୀଙ୍କର ନାଁ ଘୋଷଣା କରିଛନ୍ । ବିଜେପି ତରଫୁ ଆଘର ମନ୍ତ୍ରୀ ରାଜେନ୍ଦ୍ର ଢୋଲ୍‌କିଆଙ୍କର ପୁଓ ଜୟ ଢୋଲ୍‌କିଆଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଥିବାର୍ ବେଲ୍‌କେ ଆଘର୍ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ବିଜେଡି ନିଜର୍ ପ୍ରାର୍ଥୀ କରିଛେ । ଆଘୋନୁ କଂଗ୍ରେସ ଆଦିବାସୀ ନେତା ଘାସିରାମ ମାଝୀଙ୍କୁ ନିଜର୍ ପ୍ରାର୍ଥୀ ଭାବେ ଘୋଷଣା କରି ସାରିଛେ ।

ମୁଖ୍ୟମନ୍ତ୍ରୀ-ସ୍ୱନକ୍ଷତ୍ର ଦିବସ I & PR

ବଦ୍‌ଲୁଥିବା ଦୁନିଆ ନ ଗଣମାଧ୍ୟମ୍‌ର ଦାୟିତ୍ୱ ଆଉ ଭୂମିକା ଭିଲ୍ ବଦ୍‌ଲୁଛେ । ଇହାଦେ ଗଣମାଧ୍ୟମ୍‌ର ଭୂମିକା ଖାଲି ଖବର ପରିବେଷଣ କର୍‌ବାଟା ନୁହେ । ଇତାର୍ ସହେତେ ଗଣମାଧ୍ୟମ ନିଜର ମତାମତ୍ ବରକସ୍ ଭାବେ ଲୁକ୍‌କର ସାମ୍ନା ନ ଉପସ୍ଥାପନ୍ କର୍‌ବାର୍ ସିମଆ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । କଟକ ନ ଗୁଟେ ଘରୋଇ ଖବର କାଗଜ୍‌ର୍ ଥାପ୍‌ନା

ଦିବସ୍ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଗଣମାଧମ ଆଉ ସରକାରଙ୍କ ଲକ୍ଷ ହଉଛେ ଜନକଲ୍ୟାଣ । ଦୁହେ ଦେଶ୍ ଆଉ ରାଜ୍ୟର୍ ଉନ୍ନତି ଲାଗି କାମ୍ କର୍ସନ୍ । ଦୁହି ଲୁକ୍କର କାମ୍ କର୍ବାର୍ ତରିକା ଅଲ୍ଗା ଥାଇପାରେ । ମାତର୍କ ଲକ୍ଷ୍ୟ ଗୁଟେ ଆଏ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ଗୃହ ନିର୍ମାଣ-ପିଏମ୍ୟୁ କର୍ମଚାରୀ/ଦରମା ଭୁବନେଶ୍ୱର ସମ୍ବାଦଦାତା

ପଂଚାୟତିରାଜ ଆଉ ପାନୀୟ ଜଲ୍ ବିଭାଗ୍ ଅନ୍ତର୍ଗତ୍ ଗୃହ ନିର୍ମାଣର ଭିନ୍ ଭିନ୍ କାର୍ଯ୍ୟକ୍ରମ୍ଥି କାମ୍ କରୁଥିବା ଆଉଟ୍ସୋର୍ସିଂ କର୍ମଚାରୀମାନ୍କୁ ଖୋବ୍ ଜଲ୍ଦି ବକେୟା ଦର୍ମା ଦିଆଯିବା । ଇ ବାବ୍ଦେ ରାଜ୍ୟ ସରକାରଙ୍କର ଜରୁରୀ ହସ୍ତକ୍ଷେପ୍ ଲାଗି କେନ୍ଦ୍ର ସରକାରଙ୍କର ତର୍ଫୁ ୨ ଶହ ୨୫ କୋଟି ବକେୟା ଟଙ୍କା ଦିଆଯିବାର୍କେ ପଦ୍କ୍ଷେପ୍ ନିଆଯାଇଛେ । ପ୍ରକ୍ରିୟାଗତ ଡେରି

ଲାଗି ବକେୟା ଥିବା ପାଖାପାଖି ୭ ଶହ ୫ନ୍ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କର୍ ଦରମା ଇତାର୍ ଉତ୍‌ରୁ ଜଲ୍‌ଦି ଦିଆଯିବା ବଲି ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସାଇବର ସୁରକ୍ଷା ସଚେତନତା ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୧୮ ତାରିଖ୍‌ନୁ ନଭେମ୍ବର ୧୭ ତକ୍ ଅନ୍‌ଲାଇନ୍ ଆଉ ଅଫ୍‌ଲାଇନ୍ ଜରିଏ ସାଇବର ସୁରକ୍ଷା ସଚେତନତା ବାବ୍‌ଦେ ସାରା ରାଏଜେ ବ୍ୟାପକ୍ କାର୍ଯ୍ୟକ୍ରମ୍‌ମାନ୍ କରାଯିବା । ଇଥିର୍ ଲାଗି ଗଲାକାଏଲ୍ ଭୁବନେଶ୍ୱର ଲୋକ ସେବା ଭବନ୍‌ଠାନେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କର ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇ ଅଭିଯାନ୍‌ର ଶୁଭାରମ୍ଭ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ଅକ୍ଟୋବର ୧୮ ତାରିଖ୍ କଳିଙ୍ଗ ଷ୍ଟାଡିୟମ୍ ନ ଇ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ସାଇବର ରଥର୍ ଶୁଭାରମ୍ଭ କର୍‌ବେ । ସାଇବର ସୁରକ୍ଷା ବାବଦ୍ ଭିଡିଓ, ପ୍ରଚାର ପତ୍ର, ଥିମ୍ ସଙ୍ଗୀତ୍ ସହେତେ ସଚେତନ୍‌ତା

କାର୍ଯ୍ୟକ୍ରମ୍‌କେ ବ୍ୟାପକ୍ କରାଯିବା । ଜିଲ୍ଲାସ୍ତର ନ ଭିଲ୍ କାର୍ଯ୍ୟକ୍ରମମାନ୍ କରାଯିବା ବଲି ଶ୍ରୀ ଆହୁଜା ସୂଚ୍‌ନା ଦେଇଛନ୍ ।

ପୁଲିସ ପେଶାଦାର୍ ପ୍ରତିଯୋଗିତା I & PR

ଓଡ଼ିଶା ପୁଲିସ୍‌ର କ୍ରାଇମ୍ ବ୍ରାଂଚ୍ ଶାଖା ତର୍‌ଫୁ ଆଏଜ୍‌ଠାନୁ କଟକ ରିଜର୍ଭ ପୁଲିସ ପଡ଼ିଆଠାନେ ୭୦ ନମ୍ବର ପୁଲିସ ପେଶାଦାର୍ ପ୍ରତିଯୋଗିତା ମୁଲ୍ ହେବା । ପ୍ରତିଯୋଗିତା ଆଏବା ୧୯ ତାରିଖ୍‌ତକ୍ ଚାଲ୍‌କା । ରାଜ୍ୟର୍ ୩୪ଟା ପୁଲିସ ଜିଲ୍ଲାର ଆଉ ପ୍ରତିଷ୍ଠାନ୍‌ନୁ ୨ ଶହ ୭୩ ପୁଲିସ କର୍ମଚାରୀ, ଡଗ୍‌ସ୍କ୍ୱାଡ୍‌ନୁ ୪୩ ଝନ୍ ଇଥି ଭାଗ୍ ନେବେ । ଇଥୁ ସଫଲ୍ ହେଇ ସଫଲ୍ ହେଇକରି ପ୍ରତିଯୋଗୀମାନେ ଆଏବା ନଭେମ୍ବର ମାସ ମହାରାଷ୍ଟ୍ର ନ ହେବାର୍‌କେ ଥିବା ସର୍ବ ଭାରତୀୟ ପୁଲିସ ପେଶାଦାର୍ ପ୍ରତିଯୋଗିତାଥି ଭାଗ୍ ନେବେ ।

ବନ ବିଭାଗ ବୈଠକ୍ I & PR

ଜଙ୍ଗଲ, ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ବିଭାଗ୍ ଅଧିନ୍‌ଥି ଥିବା ସବୁ ଯୋଜ୍‌ନା ଆଉ ପ୍ରକଳ୍ପ ତୁର୍‌ତି ସାର୍‌ବାର୍ ସହେତେ ଠିକ୍ ସମିଆଥି କାମ୍‌କେ ଶେଷ୍ କର୍‌ବାର ଲାଗି ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ନିର୍ଦ୍ଦେଶ୍ ଦେଇଛନ୍ । ଗଲାକାଏଲ୍ ଭୁବନେଶ୍ୱର ଲୋକ ସେବ ଭବନ୍‌ନ ବିଭାଗର ସବୁ ବରିଷ୍ଠ ଅଧିକାରୀମାନ୍‌କୁ ନେଇକରି ଆଭାସୀ ଜରିଏ ଗୁଟେ ବୈଠକ୍ ହେଇଥିଲା । ବିଭାଗର ଅଧିକାରୀ ଆଉ କର୍ମଚାରୀମାନ୍‌କର ଆର୍‌ଏସିପି, ଏମ୍‌ଏସିପି, ପେନ୍‌ସନ ଆଉ ଶୃଙ୍ଖଲାଗତ୍ ପ୍ରକ୍ରିୟା ଉପ୍‌ରେ ଭିଲ୍ ବିଭାଗ୍ ବିଶେଷ୍ ଧ୍ୟାନ ଦେବାର୍ ଦରକାର ବଲି ଶ୍ରୀ ସାହୁ କହିଛନ୍ ।

ଶିମିଳିପାଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପର୍ଯ୍ୟଟକ୍‌ମାନ୍‌କର ଲାଗି ଆଏବା ଶନିବାର୍ ଦିନ୍‌ଠାନୁ ଶିମିଳିପାଲ୍ ଜାତୀୟ ଉଦ୍ୟାନ୍ ଖୁଲାଯିବା । କଟକଣା ଉଠ୍‌ବାର୍ ଉତ୍‌ରୁ ପର୍ଯ୍ୟଟକ୍‌ମାନେ ଶିମିଳିପାଲ୍ ବୁଲିପାର୍‌ବେ । ଗଲା ଜୁଲାଇ

ପହେଲାନୁ  ପର୍ଯ୍ୟଟକ୍‌ମାନ୍‌କର ଲାଗି ଶିମିଳିପାଲ୍ ଜାତୀୟ ଉଦ୍ୟାନ୍ ବନ୍ଦ ରହିଥିଲା ।

ବିଶ୍ୱ ଖାଦ୍ୟ ଦିବସ              ଆର୍‌ଏନ୍‌ୟୁ/ସମ୍ବଲପୁର

ଖାଦ୍ୟାଭାବ୍ ଶଙ୍କଟ ଆଉ ଖାଦ୍ୟ ସୁରକ୍ଷା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ଖାଦ୍ୟ ଦିବସ୍ । ୧୯୪୫ ମସିହାଠାନୁ ମିଳିତ ଜାତିସଂଘର ଖାଦ୍ୟ ଆଉ କୃଷି ସଂଗଠନ- ୟୁ.ଏନ୍.ଏଫ୍.ଏ.ଓ. ତର୍‌ଫୁ ବିଶ୍ୱ ଖାଦ୍ୟ ଦିବସ୍ ପାଲନ୍ କରାଯାଉଛେ । ଇ ଦିବସ୍ ପାଲନ୍‌ର ମୁଖ୍ୟ ଲକ୍ଷ୍ୟ ହଉଛେ ପୁର୍‌ଥିର୍ ଭିନ୍ ଭିନ୍ ସଙ୍ଗଠନ୍ ମିଶିକରି ସବୁ ଲୁକ୍‌କର ପାଖ୍‌କେ ଆବଶ୍ୟକ୍ ପୁଷ୍ଟିକର୍ ଖାଦ୍ୟ ପୁହୁଁଚାର୍‌ଟା ସୁନିଶ୍ଚିତ୍ କର୍‌ବାର୍ । ଇ ବଛର୍ ବିଶ୍ୱ ଖାଦ୍ୟ ଦିବସ୍‌ର ବାର୍ତା ହଉଛେ 'ଉତମ୍ ଖାଦ୍ୟ ଆଉ ଉତମ ଭବିଷ୍ୟତ୍ ଲାଗି ସଭେ ସହଯୋଗ୍ କର୍‌ମା' । ଗୁଟେ ରିପୋର୍ଟ ଅନ୍‌ସାରେ ଇହାଦେ ଭିଲ୍ ପୁର୍‌ଥି ୬୭ କୋଟିନୁ ଅଏତ୍‌କା ଲୋକ୍ ଖାଦ୍ୟ ଅଭାବ୍ ଭିତ୍‌ରେ ବଁଚୁଛନ୍ ।

ପାଣିପାଗ ଆର୍ଏନ୍ୟୁ/ସମ୍ବଲପୁର

ରାଏଜ୍ଣୁ ଆଏଜ୍ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଫିର୍ବାର୍ ଲାଗି ପାଗ୍ ଅନୁକୁଲ୍ ରହିଛେ । ଇ ସମିଆ ଭିତ୍ରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରଭାବଥି ଦକ୍ଷିଣ ପୂର୍ବାଚଲ୍ ଇଲାକାନ ବର୍ଷା ହେଇପାରେ ବଲି ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତରଫୁ ଅନୁମାନ କରାଯାଇଛେ । ଆଏବା ୨୪ ଘଂଟା ଭିତ୍ରେ ମାଲ୍କାନଗିରି ଜିଲ୍ଲାର୍ ଗୁଟେ କି ଦୁଇଟା ଜାଗାନ ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।